ପାତାଳି ଶ୍ରୀକ୍ଷେତ୍ରର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ଆରଡିସିଙ୍କ ପରିଦର୍ଶନ

ସୋନପୁର, ୪।୧୨ (ଶ୍ରୁମି.) : ଗତକାଲି ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ସୁବର୍ଣ୍ଣପୁର ଜିଲ୍ଲାର ପାତାଳି ଶ୍ରୀକ୍ଷେତ୍ର ପରିଦର୍ଶନ କରି ଛଳିଆ ପାହାଡ ଠାରେ ଦେବଦର୍ଶନ କରିଥିଲେ । ଆରଡିସି ଶ୍ରୀ ସାହୁଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲାପାଳ ମୋନିଷା ବାନାର୍ଜୀ, ବୀରମହାରାଜପୁର ଉପଜିଲ୍ଲାପାଳ, ଉଲୁଣ୍ଡା ବିଡିଓ, ତହସିଲଦାର ଏବଂ ଟ୍ରଷ୍ଟ ସଭ୍ୟମାନେ ଏଠାରେ ଯୋଗଦେଇ ପାତାଳୀ ଶ୍ରୀକ୍ଷେତ୍ରର ବିକାଶ କାର୍ଯ୍ୟର ତ୍ୱରାନ୍ୱିତ କରିବା ପାଇଁ ଏକ ସମୀକ୍ଷା ବୈଠକରେ ନିଜ ନିଜର ମତ ରଖିଥିଲେ । ସୁବର୍ଣ୍ଣପୁର ପର୍ଯ୍ୟଟନର ବିକାଶ ଲାଗି ରାଜ୍ୟ ସରକାରଙ୍କ ଅର୍ଥର ଅଭାବ ନାହିଁ କି ଜିଲ୍ଲା ମହୋତ୍ସବ ମାନଙ୍କରେ ନେତାଙ୍କ ଭାଷଣର ମଧ୍ୟ ଅଭାବ ନାହିଁ । କିନ୍ତୁ ଆମ ଜନପ୍ରତିନିଧିମାନଙ୍କ ଦୃଢ଼ ଇଚ୍ଛାଶକ୍ତିର ଅଭାବ ରହିଛି କି ବୋଲି ଜିଲ୍ଲାର ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି ।

କଖାରୁଣୀ ପଚାଂୟତ ଭବନ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ

ପଚ୍ଚାମୁଣ୍ଡାଇ ୪/୧୨ (ଶ୍ରୁ.ମି,) - ପଚ୍ଚାମୁଣ୍ଡାଇ ବ୍ଲକର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପଚାଂୟତ କଖାରୁଣୀ ପଚାଂୟତର ବିକାଶଧାରାକୁ ଜନସାଧାରଣଙ୍କ ସହଯୋଗରେ ଆଗେଇ ନିଆଯିବ ବୋଲି କଖାରୁଣୀ ପଚାଂୟତର ୩୫ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ପଚାଂୟତ ଭବନ ଉଦଘାଟନ କରି ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି । ସମାଜସେବୀ ଅକ୍ଷୟ କୁମାର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ମନୋଜ୍ଞ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଧାୟକ ଶ୍ରୀସାହୁ କହିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବର୍ଗର ଲୋକଙ୍କ ପାଇଁ ଜନକଲ୍ୟାଣ ଯୋଜନା କରିବା ସହିତ ଗ୍ରାମାଚଂଳର ଲୋକମାନଙ୍କୁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । କଖାରୁଣୀ ପଚାଂୟତର ବିକାଶ ପାଇଁ ପୋଖରୀ ପୁନଃରୁଦ୍ଧାର ଠାରୁ ଆରମ୍ଭ କରି ପଚାଂୟତ ଭବନ ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ କରାଯାଇଛି । ଆଗାମୀ ଦିନରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ । କଖାରୁଣୀ ପଚାଂୟତ ବିକାଶ ପାଇଁ କୋଭିଡ଼ କଟକଣା କୌଣସି ବାଧା ସୃଷ୍ଟି କରିପାରିବନାହିଁ ବୋଲି ବିଧାୟକ ସ୍ପଷ୍ଟ କରିଦେଇଥିଲେ । ଏହି ସଭାରେ ବ୍ଲକ ସହନିର୍ବାହୀଯନ୍ତ୍ରୀ ସୁରେଶ ବେହେରା , ସରପଚଂ ରୀନାରାଣୀ ମଲିକ , ବ୍ଲକ ବିଜେଡି ସଭାପତି କିଶୋର ସାହୁ, ପ୍ରାକ୍ତନ ପୌରାଧକ୍ଷା ପ୍ରତିନିଧି ବୁଢ଼ା ଲେଙ୍କା, ନଗର ଯୁବବିଜେଡି ସଭାପତି ମିଟୁ ମନୋଜ ନାୟକ, ଯୁବନେତା ମାମି ମଲିକ, ବରିଷ୍ଠନେତା ରତ୍ନାକର ପ୍ରଧାନ, ଶିକ୍ଷାବିତ ମଳୟ ଜେନା, ବ୍ଲକ ବିଜେଡି ସାଧାରଣସଂପାଦକ କଳାକାର ପ୍ରଧାନ, ରୁଦ୍ରନାରାୟଣ ସାମନ୍ତରାୟ, ଯୁବସମାଜସେବୀ ପ୍ରବୀର ନାୟକ, ଦଳିତନେତା ମଳୟ ମଲିକ, ରଞ୍ଜିତ ମଲିକ , ବାପି ସାମଲ ପ୍ରମୁଖ ଯୋଗ ଦେଇ ବିଭିନ୍ନ ସମସ୍ୟା ସଂପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଶ୍ରୀସାହୁ କଖାରୁଣୀ ପଚାଂୟତ ଉପକଣ୍ଠରେ ପହଁଚିବା ମାତ୍ରେ ଶହ ଶହ ଲୋକ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ଉଦଘାଟନ ଉତ୍ସବସ୍ଥଳକୁ ପାଛୋଟି ନେଇଥିଲେ ।

ବୈଜୟନ୍ତଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ

ପଚ୍ଚାମୁଣ୍ଡାଇ, ୪/୧୨ (ଶ୍ରୁ.ମି) : ଭାରତୀୟ ଜନତାପାର୍ଟିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା କରୋନା ଆକ୍ରାନ୍ତ ହୋଇ ଏକାନ୍ତବାସରେ ଥିବାରୁ ତାଙ୍କୁ ଆଶୁ ଆରୋଗ୍ୟ କାମନା କରି ଯୁବନେତା ଅମୂଲ୍ୟ ପରିଡା, ବିଦ୍ୟାଧର ସେଠୀ, ଗିରିଜାଶଙ୍କର ସାମଲ, ଚନ୍ଦନ ପାତ୍ର, କୃପାସିନ୍ଧୁ ନାୟକ, ବିଜୟ ମଲିକ, ଗୋବିନ୍ଦ ସେଠୀ, କଳ୍ପତରୁ ମଲିକ, ନିରାକର ମଲିକ, ଭୋଳାନାଥ ନାୟକ, ନଳିଣିକାନ୍ତ ନାଥ, ଅଭୟ ଗେରୁ ପ୍ରମୁଖ ପଚ୍ଚାମୁଣ୍ଡାଇ ଶ୍ରୀରାମ ମନ୍ଦିର ଠାରେ ପ୍ରଭୁ ଶ୍ରୀରାମଙ୍କ ନିକଟରେ ସମୂହ ଦୀପଦାନ କରିଥିଲେ ।

ମାଳିପୁର : ଆଧାର ସଂଶୋଧନ କେନ୍ଦ୍ର ଉଦ୍‌ଘାଟିତ

STATE BANK OF INDIA
CUSTOMER SERVICE POINT, MALIPUR, MOB- 9937073924

ପଚ୍ଚାମୁଣ୍ଡାଇ ୪/୧୨ (ଶ୍ରୁ.ମି) : ପଚ୍ଚାମୁଣ୍ଡାଇ ବ୍ଲକର ମାଳିପୁର ଠାରେ ସି.ଏସ.ସି ଇ ଗଭର୍ନାନ୍ସ ତରଫରୁ ଏକ ଆଧାର ଶଂସୋଧନ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନିମପୁର ଶାସନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମାଳିପୁର ସି.ଏସ.ସିର ପରିଚାଳକ ପ୍ରଶାସନ୍ତ ମହାନ୍ତି, ଡାମରପୁର ସି.ଏସ.ସି ପରିଚାଳକ ଅଜୟ ସେନ, ବଳଭଦ୍ରପୁର ସି.ଏସ.ସି ପରିଚାଳକ ଶ୍ରୀଧର ମହାନ୍ତି, ଦୋସିଆ ସି.ଏସ.ସି ଅଜିତ ରାଉତ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଡିମିରିଗୁଡା ରେ ମାଓ ପୋଷ୍ଟର

ମୁନିଗୁଡା, ୪/୧୨ (ଶ୍ରୁ.ମି) : ରିଖ ରାୟଗଡା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ଡିମିରିଗୁଡା ଠାରେ ପିଏଲ ଜିଏ ସପ୍ତାହ ର ତୃତୀୟ ଦିନରେ ମାଓବାଦୀଙ୍କ ପୋଷ୍ଟର ଦେଖିବାକୁ ମିଳିଛିୟ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକର ଉପାନ୍ତ ଡିମିରିଗୁଡା ଅଞ୍ଚଳରେ ମାଓବାଦୀ ମାନେ ଏକାଧିକ ପୋଷ୍ଟର ଲଗେଇ ନିଜର ଉପସ୍ଥିତକୁ ଜାହିର କରିଛନ୍ତିୟ ପିଏଲଜିଏ ୨୦ ତମ ପ୍ରତିଷ୍ଠା ଦିବସକୁ ଗ୍ରାମ ଗ୍ରାମରେ ପାଳନ କରିବା ପାଇଁ ଆହ୍ୱାନ ଦିଆଯାଇଛି । ସିପିଆଇ ମାଓବାଦୀ ସଂଗଠନ ପକ୍ଷରୁ ଲଗାଯାଇଥିବା ଏହି ପୋଷ୍ଟର ରେ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଜଙ୍ଗଲରେ ପୁଲିସ ଗୁଳିରେ ସହୀଦ ହୋଇଥିବା ନକ୍ସଲ ସାଥୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିବା କୁହାଯାଇଛି ନକ୍ସଲ ଇନଫରମର୍ ନାରେ ପୁଲିସ ନିରୀହ ଆଦିବାସୀଙ୍କୁ ହତ୍ୟା କରୁଥିବା କୁହାଯାଇଛି । ଏଥିରେ ଡିସେମ୍ବର ୨ରୁ ୮ ଯାଏଁ ଚଖଏଇ ସପ୍ତାହ କୁ ପାଳନ କରିବାକୁ ଆହ୍ୱାନ କରାଯାଇଥିବାବେଳେ, ଇନଫରମର ନେଟ୍‌ଓ୍ୱାର୍କକୁ ଧ୍ୱଂସ କରନ୍ତୁ ଓ ନୂଆ ଗଣତାନ୍ତ୍ରୀକ ବିପ୍ଳବୀଙ୍କୁ ଜିନ୍ଦାବାଦ ବୋଲି ଲେଖାଯାଇଛି । ଏହି ପୋଷ୍ଟର କୁ ଓଡିଶା ରାଜ୍ୟ କମିଟି ଉଚଓ ମାଓବାଦୀ ତରଫରୁ ଲଗାଯାଇଥିବା ପୋଷ୍ଟର ରେ ଉଲ୍ଲେଖ ଅଛି । ପୋଷ୍ଟର ଦେଖି ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି ।

ବେଆଇନ ପଥର କୁଆରୀ ଓ କ୍ରସର ବନ୍ଦ ଦାବି

ନୂଆପଡା, ୪।୧୨ (ଶ୍ରୁ.ମି) : ନୂଆପଡା ଜିଲ୍ଲାରେ ଥିବା ବେଆଇନ ପଥର କୁଆରୀ ଓ କ୍ରସରକୁ ବନ୍ଦ କରିବାକୁ ଦାବୀ ହେଉଛି । ପଥର କୁଆରୀ ଓ କ୍ରସର ସକାଶେ ସରକାରଙ୍କ ଖଣିଜ ବିଭାଗ ସହ ତହସିଲ କାର୍ଯ୍ୟାଳୟରେ ବିଧିବଦ୍ଧ କାଗଜାତ କରି ପଥର ଖନନ କରିବାର ଆଦେଶ ଏବଂ କ୍ରସର ସ୍ଥାପନ କରିବାର ଆଦେଶ ନିତାନ୍ତ ଜରୁରୀ ଅଟେ । ଜିଲ୍ଲାର ବୋଡେନ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅନେକ ବେଆଇନ ପଥର ଖନନ କୁଆରୀ ଓ କ୍ରସରକୁ ବନ୍ଦ କରାଯାଇଛି । ଏହି ପଦକ୍ଷେପ ଏକ ସ୍ୱାଗତ ପଦକ୍ଷେପ ହୋଇଥିବା ବେଳେ ନୂଆପଡାରେ ମଧ୍ୟ ବେଆଇନ ଭାବରେ ଥିବା ପଥର କୁଆରୀ ଓ କ୍ରସରକୁ ବନ୍ଦ କରିବାକୁ ସାଧାରଣରେ ଦାବୀ ହେଉଛି ।

ଡିଜିଟାଲ ମାଧ୍ୟମରେ ଦିବ୍ୟାଙ୍ଗ ଦିବସ ପାଳିତ

ଢେଙ୍କାନାଳ, ୪।୧୨ (ଶ୍ରୁ.ମି) :ଢେଙ୍କାନାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶ କ୍ରମେ ଅନଲାଇନ୍ ମାଧ୍ୟମରେ ପ୍ରିୟ ଏନଜିଓ ସଂସ୍ଥା ସହଯୋଗରେ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁକାନ୍ତ କୁମାର ଜେନା ଏହି କାର୍ଯ୍ୟକ୍ରମରେ କିପରି ସୁବିଧାରେ ଆଇନ ସେବା ଯୋଗାଇ ଦିଆଯାଇ ପାରିବ ସେ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ । ଏତଦ୍ ବ୍ୟତୀତ ଦିବ୍ୟାଙ୍ଗ ପିଲାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ପାଇଁ ଉପଦେଶ ଦେବା ସଙ୍ଗେ ସଙ୍ଗେ ଦିବ୍ୟାଙ୍ଗ ମାନଙ୍କର ମୌଳିକ ଅଧିକାର ଏବଂ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ଜେନା ଆଇନଗତ ପରାମର୍ଶ ଦେଇଥିଲେ । ଏହି ଶିବିରରେ ପ୍ରିୟର ପରିଚାଳକ ଟଙ୍କଧର ବାରିକ ଦିବ୍ୟାଙ୍ଗ ମାନଙ୍କ ପାଇଁ ଥିବା ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ପରିଶେଷରେ ବୈଠକରେ ଉପସ୍ଥିତ ଥିବା ଜିଲ୍ଲା ଆଇନସେବା ପ୍ରାଧିକରଣର ପିଏଲଭି ସଦସ୍ୟ ଏବଂ ପ୍ରିୟ ଏନଜିଓର କର୍ମକର୍ତ୍ତାମାନେ ଦିବ୍ୟାଙ୍ଗ ପିଲାମାନଙ୍କୁ ସହଯୋଗ କରିବା ପାଇଁ ଶପଥ ନେଇଥିଲେ ।

ପୂର୍ବତନ ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ ପ୍ରମୋଦଙ୍କ ପରଲୋକ

କେନ୍ଦ୍ରାପଡା, ୪/୧୨ (ଶ୍ରୁ.ମି) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର ପୂର୍ବତନ ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ ପ୍ରମୋଦ କୁମାର ଦାସଙ୍କ ୯୨ ବର୍ଷ ବୟସରେ କଟକସ୍ଥିତ ଏକ ଘରୋଇ ହସପିଟାଲରେ ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଦାସ ରାଜ୍ୟ ସରକାରଙ୍କର ତତକାଳୀଣ କମ୍ୟୁନିଟି ଡେଭଲପମେଂଟ ଓ ରୁରାଲ ରିକନଷ୍ଟ୍ରକସନ(ସି.ଡି.ଆର.ଆର.) ବିଭାଗ ଅଧିନରେ ମଣ୍ଡଳ ଉନ୍ନୟନ ଅଧିକାରୀ ଭାବେ ନିଜସ୍ୱ ଚିନ୍ତାଧାରାରେ ସରକାରୀ ବ୍ୟବସ୍ଥାର ତ୍ରୁଟି ସଂଶୋଧନ କରି ୧୯୮୦-୮୧ ମସିହାରେ ସରକାରଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ । ଅବିଭକ୍ତ କଟକ ଜିଲ୍ଲାର ପଦ୍ମବନ ନେମାଳକୁ କଟକରୁ ସିଧା ରାସ୍ତା ନିର୍ମାଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଓ ଗରଦପୁର ବ୍ଲକ ସମେତ ନିଶ୍ଚିନ୍ତକୋଇଲୀ ବ୍ଲକରେ ମଣ୍ଡଳ ଉନ୍ନୟନ ଅଧିକାରୀ ଭାବେ ବିଗତ ଦିନରେ ଅନେକ ଜନ ହିତକର କାର୍ଯ୍ୟ କରିଥିଲେ ସ୍ୱର୍ଗତ ଦାସ ।

ହିନ୍ଦୋଳ ବନାଂଚଳର ହାତୀ ଓ ବାରହା ମୃତ୍ୟୁ ଘଟଣାରେ ୨ ଜଣଙ୍କୁ ଗିରଫ କଲା ବନବିଭାଗ

ଢେଙ୍କାନାଳ,୪।୧୨ (ଶ୍ରୁ.ମି) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଂଚଳ ଅନ୍ତର୍ଗତ କଡଲା ଗ୍ରାମ ପଂଚାୟତର ବେଣିପଥର ଠାରେ ମଙ୍ଗଳବାର ଦିନ ବିଦ୍ୟୁତ୍ ଫାସ ସଂସ୍ପର୍ଶରେ ଆସି ହାତୀ ଓ ବାରାହା ମୃତ୍ୟୁ ଘଟଣାରେ ଆଜି ବନ ବିଭାଗରୁ ସଫଳତା ମିଳିଛି । ବିଭାଗ ପକ୍ଷରୁ ଘଟଣାସ୍ଥଳରୁ ବିଦ୍ୟୁତ୍ ଫାସ ନିମନ୍ତେ ବିଛା ଯାଇଥିବା ତାର ଓ ଖୁଂଟି ଜବତ କରାଯାଇ ଏଥିଲେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ଅନୁସନ୍ଧାନ ଚାଲୁଥିବା ସମୟରେ ୩ ତାରିଖ ଗୁରୁବାର ଦିନ କନ୍ତମିଳି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୁତ୍ର ଦିଲ୍ଲୀପ ସେଠୀ (୨୫) ଓ କଡଲା ଗ୍ରାମର ଶୁକୁ ପଧାନଙ୍କ ପୁତ୍ର ରାଜା ପଧାନ (୩୨)କୁ ବନବିଭାଗ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଥାଉକି ଗତ ୨ ଦିନ ତଳେ କେତେକ ଶିକାରୀ ଜନ୍ତୁ ଶିକାର ଉଦେଶ୍ୟରେ ବେଣିପଥର ଗ୍ରାମର ଧାନବିଲ ନିକଟ ପଡିଆରେ ବିଦ୍ୟୁତ ଫାସ ବସାଇଥିଲେ । ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ମାଖନ ହାତୀ ଓ ୨ଟି ବାରହା ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଏ ନେଇ ବିଭିନ୍ନ ମହଲରେ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ୮୦/୨୦ରେ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାର ଜଣାପଡିଛି । ଏ ନେଇ ବନାଂଚଳରେ ହାତୀ ମୃତ୍ୟୁକୁ ନେଇ ଅଧିକ ତଦନ୍ତ ଚାଲିଥିବାର ବନାଂଚଳ ଅଧିକାରୀ ଲୋହିତ କୁମାର ରଥ ସୂଚନା ଦେଇଛନ୍ତି ।

ଧାନ କ୍ରୟ ସମ୍ପର୍କିତ ପ୍ରଶିକ୍ଷଣ ବୈଠକ

ଢେଙ୍କାନାଳ,୪।୧୨ (ଶ୍ରୁ.ମି) :ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ସଭାଗୃହ ଠାରେ ବ୍ଲକ ସ୍ତରୀୟ ଧାନ କ୍ରୟ ସମ୍ପର୍କ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦଘାଟନ କରିଥିଲେ । କାମାକ୍ଷନଗର ଉପଖଣ୍ଡ ସ୍ତରୀୟ ଯୋଗାଣ ଅଧିକାରୀ ସଂଜୟ ସାହୁ, ଆରସିଏମ ସମ୍ପାଦକ ରବିନାରାୟଣ ସାହୁ,ସମବାୟ ଉପନିବନ୍ଧକ ବିରେନ୍ଦ୍ର ମହାନ୍ତି ପ୍ରମୁଖ ସମବାୟ ସମ୍ପାଦକ ଓ କୃଷକ ମାନଙ୍କୁ ଏ ଅବସରରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ବାହାରର ଧାନକୁ କିଭଳି ଧାନ ବିକ୍ରି ନିମନ୍ତେ ଉପଯୋଗ କରିହେବ,ଧାନର ମାନ ସମ୍ପର୍କରେ ଆଲୋଚନା କରିବା ସହିତ କୃଷକ ମାନଙ୍କ ସମସ୍ୟା ସମ୍ପର୍କରେ ବିଷଦ ଭାବେ ଆଲୋଚନା ହୋଇଥିଲା ।

ମଦନପୁରରେ ବିଜେପି ପ୍ରଶିକ୍ଷଣ ଶିବିର

ପଚ୍ଚାମୁଣ୍ଡାଇ ୪/୧୨ (ଶ୍ରୁ.ମି) : ରାଜନଗର ନିର୍ବାଚନମଣ୍ଡଳୀ ତଥା ପଚ୍ଚାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ୧୮ନଂ. ଜୋନର ୭ଗୋଟି ପଚାଂୟତ ଶ୍ରୀରାମପୁର, ଡାମରପୁର , ବଳଭଦ୍ରପୁର, ଶାସନ, ସଂସାରଫଳ, ଖଣତା, ଓଉପଦା ଆଦି ପଚାଂୟତର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରକୁ ରାଜ୍ୟ ବିଜେପି ଉପସଭାପତି ଭୁବନମୋହନ ଜେନା ଉଦଘାଟନ କରିଥିଲେ । ଏଥିରେ ପୂର୍ବତନ ବିଧାୟକ ତଥା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଅଲେଖ କୁମାର ଜେନା , ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ଦୂର୍ଯ୍ୟୋଧନ ସାହୁ, ଜିଲ୍ଲା ସାଧାରଣସଂପାଦକ ଗଗନ ବିହାରୀ ସାହୁ, ଆଳି ନିର୍ବାଚନମଣ୍ଡଳୀ ବିଜେପିନେତା ବ୍ରଜସୁନ୍ଦର ଭୂୟାଁ, କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ବିଜେପିନେତା ସୁନାକର ବେହେରା, ରାଜନଗର ସଂଯୋଜକ ସୁନାକର ପ୍ରଧାନ, ମିଡିଆ ସଂଯୋଜକ ନେହେରୁ ସାହୁ ପ୍ରମୁଖ ବରିଷ୍ଠ ନେତୃମଣ୍ଡଳୀ ଯୋଗ ଦେଇ ଦଳ କାର୍ଯ୍ୟକ୍ରମ ବିସ୍ତାର କରିବା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ୧୮ନଂ. ଜୋନ ସଭାପତି ନୃସିଂହ ସାହୁ, ପୂର୍ବତନ ସଭାପତି ନୀଳକଣ୍ଠ ଦାସ, ୩୦ ନଂ. ଜୋନ ସଭାପତି ଧୀରେନ୍ଦ୍ର ବିଶ୍ୱାଳ, ୩୧ ନଂ. ଜୋନ ସଭାପତି ଦିଲ୍ଲୀପ ରାଉତ, ୧୭ ନଂ. ଜୋନ ସଭାପତି ବନମାଳି ମହାପାତ୍ର, ମହିଳା ସଭାନେତ୍ରୀ ସେବତୀ ତ୍ରିପାଠୀ, ଯୁବନେତା ବିଜୟ ନାୟକ, ସଂଯୋଜକ କମଳଲୋଚନ ରାଉତ , ବରିଷ୍ଠନେତା ପ୍ରହଲ୍ଲାଦ ପଣ୍ଡା, ଦିବାକର ବେହେରା, ଅଧିକାରୀ ସେଠୀ, ବିଶ୍ୱଭୂଷଣ ପଣ୍ଡା, ସୁଶାନ୍ତ ପ୍ରଧାନ, ସନାତନ ବାରିକ, ମଙ୍ଗୁଳି ମହାନ୍ତି ଓ ଭାଗ୍ୟଧର ମଲିକ ପ୍ରମୁଖ ଯୋଗ ଦେଇ ଦଳୀୟ ପ୍ରଶିକ୍ଷଣ ଶିବିରରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଶତାଧିକ କର୍ମୀ ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

ବାଲ୍ୟ ବିବାହ ମୁକ୍ତ ହେବ ଢେଙ୍କାନାଳ ଜିଲ୍ଲା

ଢେଙ୍କାନାଳ,୪।୧୨ (ଶ୍ରୁ.ମି) :ଢେଙ୍କାନାଳ ଜିଲ୍ଲାରେ ବାଲ୍ୟ ବିବାହ ମୁକ୍ତ ହେବାପାଇଁ ଆଜି ଅନୁଷ୍ଠିତ ଜିଲ୍ଲା ଟାକ୍ସଫୋର୍ସ ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଛନ୍ତି । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଏହି ବୈଠକର ଉଦେଶ୍ୟ ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ବାଲ୍ୟବିବାହ ରୋକିବା ପାଇଁ କରାଯାଉଥିବା କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନରେ କରାଯିବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ସଂଯୋଜିକା ଅଙ୍ଗୁର ମିଶ୍ର ଉପସ୍ଥିତ ରହି ଜାନୁଆରୀ ୨୦ ତାରିଖ ଠାରୁ ନଭେମ୍ବର ୨୦ ତାରିଖ ସୁଦ୍ଧା ଢେଙ୍କାନାଳ ଜିଲ୍ଲାରେ ବହୁ ବାଲ୍ୟବିବାହକୁ ରୋକାଯାଇପାରିଛି ବୋଲି ସୂଚନା ଦେଇଥିଲେ । କଳ୍ପନା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଗ୍ରାମ ଓ ବିଦ୍ୟାଳୟରେ ଜାରି ରଖିବା ପାଇଁ ସ୍ୱାସ୍ଥ୍ୟ ମିଶନର ପରିଚାଳିକା ସୋନାଲୀ ପ୍ରିୟଦର୍ଶିନୀ କହିଥିଲେ । ଏହି ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭାର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର,ଶୁଭଲକ୍ଷ୍ମୀ ସେଠୀ,ଶିଶୁ ମଙ୍ଗଳ କମିଟିର ସଦସ୍ୟ ନିରଂଜନ ମିଶ୍ର, ଭାନୁମତୀ ପାଣି,ପୋଲିସ ବିଭାଗ,ସ୍ୱାସ୍ଥ୍ୟ ବିଭାଗ,ଶିକ୍ଷା ବିଭାଗ, ସମାଜ ମଙ୍ଗଳ ବିଭାଗ,ଶିଶୁ ସୁରକ୍ଷା କମିଟିର ସଭ୍ୟ ସଭ୍ୟା,ବାଲ୍ୟ ବିବାହ ନିଷେଧ ଅଧିକାରୀ, ଶ୍ରମ ବିଭାଗ, ଚାଇଲ୍ଡ ଲାଇନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସହକାରୀ ମଙ୍ଗଳ ଅଧିକାରୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ବେହେରା ଶୁଭଲକ୍ଷ୍ମୀ ସେଠୀଙ୍କୁ ତାଙ୍କ କିଶୋରୀ ଜୀବନରେ ନିଷ୍ଠାର ସହିତ କାର୍ଯ୍ୟ କରିଥିବାରୁ ତାଙ୍କୁ ଜିଲ୍ଲାର ଆମ୍ବାସଡର ଭାବେ ଘୋଷଣା କରିଥିଲେ ।

କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୮ ଗିରଫ

ଭୁବନେଶ୍ୱର, ୪।୧୨ (ଶ୍ରୁ.ମି) : ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧ଟି ମାମଲା ରୁଜୁ କରିଛି । ୮ ଜଣଙ୍କୁ ଗିରଫ କରା ଯାଇଥିବା ବେଳେ ୫୮୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୨୯,୭୪୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ପଚ୍ଚାମୁଣ୍ଡାଇ ବିଇଓ ଭ୍ରମରବର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା

ପଚ୍ଚାମୁଣ୍ଡାଇ ୪/୧୨ (ଶ୍ରୁ.ମି) : ପଚ୍ଚାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଭ୍ରମରବର ବିଶ୍ୱାଳ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ସିଆରସିସି ସଂଘ ଓ ଯୁଜିୟୁପି ଶିକ୍ଷକ ସଂଘ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଯାଇଛି । ସିଆରସିସି ବିଧୂଭୂଷଣ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସିଆରସିସି ଅନ୍ତର୍ଯ୍ୟାମୀ ବେଜ୍, ଗୋଲକ ବିହାରୀ ମଲିକ, ନନ୍ଦ କିଶୋର ରାଉତ, ରଞ୍ଜିତ ସାହୁ, ମନୋଜ ମୁଦୁଲି, ଜିଲ୍ଲାପରିଷଦ ଶିକ୍ଷକ ସଂଘ ସଭାପତି ବିଶ୍ୱରଞ୍ଜନ ଦାଶ, ସାଧାରଣ ସଂପାଦକ ପ୍ରେମାନନ୍ଦ ଜୀବନଦାଶ, ଶିକ୍ଷାସହାୟକ ସଂଘ ରାଜ୍ୟ ଉପଦେଷ୍ଟା ମଳୟ ଜେନା, ପଚ୍ଚାମୁଣ୍ଡାଇ ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ବେଜ, ଶିକ୍ଷକନେତା ଅରୁପାନନ୍ଦ ବିଶ୍ୱାଳ, ସଞ୍ଜୟ ପୃଷ୍ଟି, ସୌମ୍ୟରଞ୍ଜନ ବେହେରା, ପ୍ରଦୀପ ତରାଇ, ଗୋଦାବରୀଶ ମିଶ୍ର, ତ୍ରିଲୋଚନ ସ୍ୱାଇଁ, ସୁବାଷ ନାୟକ, ଉମାକାନ୍ତ ବେହେରା, ସଞ୍ଜୟ ସାହୁ, କଳାକର ସାହୁ ପ୍ରମୁଖ ଯୋଗ ଦେଇ ବିଦାୟୀ ବିଇଓଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ସେହିପରି ଯୁଜିୟୁପି ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲା ସଭାପତି ଶୁଭ୍ରାଂଶୁ ଦାସଙ୍କ ନେତୃତ୍ୱରେ ଅଶୋକ ପରିଡା, ରାମଚନ୍ଦ୍ର ମିଶ୍ର ଓ ପ୍ରଭାକର ନାୟକ ପ୍ରମୁଖ ବହୁ ଶିକ୍ଷକନେତା ଯୋଗ ଦେଇ ବିଦାୟୀ ବିଇଓଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ଶେଷରେ ବିଭିନ୍ନ ଶିକ୍ଷକ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ପଚ୍ଚାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ , ବିଭିନ୍ନ ଶିକ୍ଷକ ସଂଗଠନର କର୍ମକର୍ତା ଓ ଶିକ୍ଷକନେତାମାନେ ଯୋଗ ଦେଇଥିଲେ ।

ବରଯାତ୍ରୀଙ୍କୁ ନେଇ ଯାଉଥିବା ବୋଲେରୋ ଦୁର୍ଘଟଣାଗ୍ରସ୍ତ : ୩ ମୃତ, ୪ ଗୁରୁତର

ବରଗଡ଼, ୪।୧୨ (ଶ୍ରୁ.ମି) : ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ଅନ୍ୟ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ବରଗଡ଼ କଟାପାଲି ଅଂଚଳରୁ ବରଯାତ୍ରୀ ନେଇ ଛତିଶଗଡ଼ ଯିବା ରାସ୍ତାରେ ଗାଡିଟି ଏକ ଟ୍ରକ୍ ସହିତ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି ।

ବଜ୍ରକାପ୍ତା ଚୋରା ଚାଲାଣ ଘଟଣାରେ କ୍ରାଇମ ବ୍ରାଂଚର ସହାୟତା ଲୋଡ଼ିଲା ବନବିଭାଗ

ଢେଙ୍କାନାଳ,୪।୧୨ (ଶ୍ରୁ.ମି) :ଢେଙ୍କାନାଳ କପିଳାସ ଅଭୟାରଣ୍ୟରୁ ବଜ୍ରକାପ୍ତା ଚୋରା ଚାଲାଣ ହେଉଥିବା ଘଟଣାର ତଦନ୍ତ କରି ଗୋଟିଏ ବଜ୍ରକାପ୍ତାକୁ ଉଦ୍ଧାର କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି । ଏହିପରି ବଜ୍ରକାପ୍ତା ଚୋରା ଚାଲାଣ ଘଟଣା ଢେଙ୍କାନାଳ ଜିଲାର ଅନ୍ୟ ବନାଂଚଳରେ ହେଉଥିବାର ସନ୍ଦେହ କରାଯାଉଛି । ବିଶେଷ ତଦନ୍ତ ପାଇଁ ବନବିଭାଗ କ୍ରାଇମ ବ୍ରାଂଚର ସହାୟତା ଲୋଡ଼ି ଏକ ଚିଠି ଲେଖିଥିବାର ଜଣାଯାଇଛି ।ଢେଙ୍କାନାଳ କପିଳାସ ଅଭୟାରଣ୍ୟରୁ ବିରଳ ବଜ୍ରକାପ୍ତା ଚାଲାଣ ଘଟଣାରେ ଗିରଫ ହୋଇଥିବା ଖୋର୍ଦ୍ଧା ଜିଲା ଗଡ଼ହଳଦିଆ ମେଡ଼ିକାଲ ସାହିର ଘନଶ୍ୟାମ ବେହେରା ଏବଂ ଜଟଣୀ ଥାନା ବଡ଼ତୋଲା ଗାଁର ଜିତେନ୍ଦ୍ର ପ୍ରଧାନଙ୍କ ମୋବାଇଲ କଲ ରେକର୍ଡକୁ ଯାଂଚ କରାଯିବାପରେ ଏକ ବଡ଼ଧରଣର ରାକେଟ ସେମାନଙ୍କ ସହ କାର୍ଯ୍ୟ କରୁଥିବା କଥା ଜଣାପଡ଼ିଛି । ସେମାନେ କେଉଁ କେଉଁଠାରୁ ବଜ୍ରକାପ୍ତା ଆଣି ଚାଲାଣ କରୁଥିଲେ ତାହାର ତଦନ୍ତ କରାଗଲେ ଅନେକ କିଛି ତଥ୍ୟ ହାସଲ ହୋଇପାରିବ । ବିଶେଷକରି ମୋବାଇଲ କଲ ରେକର୍ଡ଼ିଙ୍କୁ ଯାଂଚ କରାଗଲେ ଅନେକ କିଛି ତଥ୍ୟ ମିଳିପାରିବ ବୋଲି ବନବିଭାଗ ଆଶା କରୁଛି । ମାମଲାର ପରିସର ବ୍ୟାପକତା ଦୃଷ୍ଟିରୁ ଘଟଣାର ତଦନ୍ତ ପାଇଁ ଜିଲା ବନଖଣ୍ଡ ଅଧିକାରୀ ପ୍ରକାଶଚାନ୍ଦ ଗୋଗିନେନୀ କ୍ରାଇମ ବ୍ରାଂଚ ଏସଟିଏଫ ତଦନ୍ତ ପାଇଁ ଚିଠି ଲେଖିଛନ୍ତି । ଢେଙ୍କାନାଳରେ ବଜ୍ରକାପ୍ତା ଚାଲାଣରେ ଏକ ବଡ଼ଧରଣର ରାକେଟ ଚାଲିଥିବା ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ଆଶା କରାଯାଉଛି ।

ରାଜ୍ୟରେ ଜନଜାତି କମିଶନ ଗଠନ ହେଉ

ବଲାଙ୍ଗିର, ୪/୧୨ (ଶ୍ରୁ.ମି) : , ଅନୁସୂଚିତ ଜନଜାତି ମାନଙ୍କ ବିଭିନ୍ନ ସାମ୍ବିଧାନିକ ହକ୍ ଉପରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରୀଆରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଓ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ୧୪ ଦଫା ଦାବୀ ପତ୍ର ପ୍ରଦାନ କରିଛନ୍ତି । ରାଜ୍ୟରେ ଏକ ଚତୁର୍ଥାଶଂ ଆଦିବାସୀ ବସବାସ କରୁଥିଲେ ସୁଦ୍ଧା ବିକାଶ ସ୍ରୋତରେ ସାମିଲ ହୋଇ ପାରି ନାହାନ୍ତି । ସେମାନଙ୍କ ସାମୁହିକ ଏନ୍ନତି ପାଇଁ ରାଜ୍ୟରେ ଅନୁସୂଚିତ ଜନଜାତି କମିଶନ ଶିଘ୍ର ଗଠନ କରାଯାଉ ପେସା ଆଇନକୁ ରାଜ୍ୟରେ ମାଡା (ଗଇଉଇ) ଗ୍ରାମ, ମାଡା ଗ୍ରାମ ପଂଚାୟତ ସହିତ ସମସ୍ତ ଞ୍ଚଚ ଅଂଚଳରେ ଲାଗୁକରାଯାଉ, ରାଜ୍ୟର ସମସ୍ତ ଜିଲ୍ଲାରେ ଆଦିବାସୀ ମାନଙ୍କ ପାରମ୍ପରିକ ମୁକ୍ତ ଆକାଶ ମ୍ୟୁଜିୟମ ନିର୍ମାଣ କରାଯାଉ, ୨୦୧୮ ଡିସେମ୍ବର ୨୧ ତାରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ଠାରେ ହୋଇଥିବା 'ଆତ୍ମୋତ୍ସର୍ଗ ' ଦିବସରେ ଯୋଗ ଦେଇ ଘୋଷଣା କରିଥିବା କୋଲାବିରା ଜମିଦାର କରୁଣାକର ନାଏକ, ତାଙ୍କ ଭାଇ ଖଗ ନାଏକ ଓ ପୁତୁରା କହ୍ନେଇ ନାଏକଙ୍କୁ ସହିଦ ମାନ୍ୟତା, କୋଲାବିରା ଗଡ଼ର ସୁରକ୍ଷା ଓ କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟକୁ ୫୦ ଲକ୍ଷ ଟଙ୍କା ଅନୁଦାନ ଦେବା ପ୍ରତିଶୃତିକୁ କାର୍ଯ୍ୟକାରୀ କରାଯାଉ, ଗୋଁଣ୍ଡୱାନା ଇତିହାସକୁ ପାଠ୍ୟକ୍ରମରେ ଅର୍ନ୍ତଭୁକ୍ତ କରାଯା, ନକଲି ଆଦିବାସୀଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ ବିହିତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯା, ରାଜ୍ୟରେ ଶିକ୍ଷା ପ୍ରଣାଳୀ ଶୁଦୃଢ଼ କରିବାପାଇଁ ପୁରୁଣା ପାରମ୍ପରିକ ପଦ୍ଧତି ଶିକ୍ଷାଦାନ ପରିବର୍ତେ ସାର୍ବଜନିନ ଆଧୁନିକ କମ୍ପ୍ୟୁଟରୀକରଣ ଶିକ୍ଷା ପ୍ରଦାନ ପାଇଁ ଭିତିଭୂମି ସୃଷ୍ଟି କରାଯା, ଅନୁସୂଚିତ ଜନଜାତି ଉପଦେଷ୍ଟା ପରିଷଦ ସହିତ ଅନ୍ୟାନ୍ୟ ଉଚ୍ଚ ସ୍ତରୀୟ କମିଟି ଗୁଡ଼ିକର ବୈଠକ ସମୟ ସୀମା ମଧ୍ୟରେ ଅନୁଷ୍ଠିତ ହେଉ, ସରକାର ୧୪ ହଜାର ପ୍ରାଥମିକ ସରକାରି ବିଦ୍ୟାଳୟକୁ ଉଠେଇଦେବା ନିଷ୍ପତିକୁ ବନ୍ଦ କରନ୍ତୁ, ରାଜ୍ୟର ୧୪୭ ଟି ବିଧାନ ସଭା ମଣ୍ଡଳିରୁ ଆଦିବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ୩୪ଟି ବିଧାନ ସଭା ମଣ୍ଡଳିକୁ ପୂର୍ବପରି ଅନୁସୂଚିତ ଜନଜାତି ମାନଙ୍କ ପାଇଁ କାଏମ୍ ରଖାଯାଉ, ସମ୍ବଲପୁର ଜିଲ୍ଲାର ଯୁଯୋମୁରା ବ୍ଲକ,ଝାରସୁଗୁଡ଼ା ଜିଲ୍ଲାର ଲଇକେରା ଓ କର୍ମିରା ବ୍ଲକକୁ TSP ବ୍ଲକ ଭାବରେ ଘୋଷଣା କରି ITDA ର ଅର୍ନ୍ତଭୁକ୍ତ କରାଯାଉ, ।